# ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସ




କଟକ,୨୧।୫/ଏନ୍‌ଏନ୍‌ଏସ୍: କଟକ ନଗର ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କୁ ୩୦ତମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କମିଟି ସଭାପତି ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ସ୍ୱର୍ଗତ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସ୍ୱର୍ଗତ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କାଶିନାଥ ମଲ୍ଲିକ, ନିକୁଞ୍ଜ ପଶାୟତ, ପୂର୍ବତନ କର୍ପୋରେଟର୍ ଗିରିବାଳା ବେହେରା, ଶୈଳବାଳା ଜେନା, ବିଜୟ କୁମାର ବାରିକ, ଡକ୍ଟର ସନ୍ତୋଷ ଭୋଳ, ଅରୁଣ କୁମାର ସେଠୀ, ଶରତ ସେଠୀ, ବିଶ୍ୱଜିତ ଦାସ, ସୂର୍ଯ୍ୟକାନ୍ତ ରାଉତ, ମହମ୍ମଦ ଅଲିମ, ଆର୍ଯ୍ୟବୀର ଲେଙ୍କା ପ୍ରମୁଖ କଂଗ୍ରେସ କର୍ମକର୍ତ୍ତାମାନେ ସାମାଜିକ ଦୂରତା ବଜାୟ ରକ୍ଷାକରି ସ୍ୱର୍ଗତ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେହିଭଳି ସ୍ଥାନୀୟ ପିଲିଗ୍ରୀମ ରୋଡ୍ କଲେଜଛକ କଂଗ୍ରେସ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ଭାବେ ସ୍ୱର୍ଗତ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା। ଏହି ଅବସରରେ କର୍ମକର୍ତ୍ତାମାନେ ବରିଷ୍ଠ କଂଗ୍ରେସନେତା ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ସହିଦ ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଲେଜ ଛକ କାର୍ଯ୍ୟାଳୟ ପରିସରରେ ସମାଜିକ ଦୂରତା ମଧ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀ ମହାପାତ୍ର ଅଧ୍ୟକ୍ଷତା କରି ସ୍ୱର୍ଗତ ଗାନ୍ଧୀ ବିଶ୍ୱ ଶାନ୍ତି ପ୍ରତିଷ୍ଠା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାବେଳେ ଦେଶରେ ପ୍ରଯୁକ୍ତି ବିଦ୍ୟା, ପଞ୍ଚାୟତିରାଜ ବ୍ୟବସ୍ଥା, ୧୮ବର୍ଷର ଯୁବକଙ୍କୁ ମତଦାନ କରିବାର ଅଧିକାର, ମହିଳାମାନଙ୍କ ପଞ୍ଚାୟତ ବ୍ୟବସ୍ଥାରେ ୩୩ପ୍ରତିଶତ ପ୍ରତିନିଧିତ୍ୱ, କୃଷି, ପ୍ରତିରକ୍ଷା ଓ ଯୋଗାଯୋଗ କ୍ଷେତ୍ରରେ ଦେଶରେ ବିକାଶ କରି ଜନସାଧାରଣଙ୍କୁ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ଏକ ବୈପ୍ଳବିକ ଶାସନ ପ୍ରଦାନ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପିସିସି ଅନୁସୂଚିତ ଜାତି ବିଭାଗ ସହ ଅଧ୍ୟକ୍ଷ ବାଙ୍କନିଧି ବେହେରା, କଂଗ୍ରେସ ନେତା ଲିଙ୍ଗରାଜ ସାହୁ, ବିପିନ ପଶାୟତ, ବିଶ୍ୱନାଥ ଶତପଥୀ, ପ୍ରଶାନ୍ତ ବେହେରା, ମାନସ ନାୟକ, ରାଜେନ୍ଦ୍ର ପଟ୍ଟନାୟକ, ସୁକାନ୍ତ ରାଉତ, ଉତ୍ତମ ବେହେରା, ଫଏଜଲ ଅହମ୍ମଦ, ରାଜୀବ ମହାନ୍ତି, ଅରବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।